# ଉଚ୍ଚକୋଟିର ଦେଶସେବୀ

✓ଡକ୍ଟର ସୂର୍ଯ୍ୟକାନ୍ତ ଦାସ

ଗାନ୍ଧୀ ଯାହାଙ୍କର ଗୁରୁ ,ତାଙ୍କ ନାମ ନୃସିଂହ ଗୁରୁ । ମହାତ୍ମା ଗାନ୍ଧୀଙ୍କର ଜଣେ ସଚ୍ଚାଭକ୍ତ ଥିଲେ ଶ୍ରୀ ନୃସିଂହ ଗୁରୁ । କେବଳ ମାତ୍ର କଥାରେ ନୁହେଁ ,କାର୍ଯ୍ୟରେ ଏବଂ ଦୈନନ୍ଦିନ ଜୀବନଶୈଳୀରେ,ନୃସିଂହ ଗୁରୁ ମହାତ୍ମା ଗାନ୍ଧୀଙ୍କ ନୀତିନିୟମ ପାଳନ କରି ଜୀବନଯାପନ କରୁଥିଲେ । ଖଦୀ ପିନ୍ଧୁଥିଲେ । ଆଣ୍ଠୁ ଲୁଚୁଥିବା ଯେଉଁ ମାପର ଖଦୀ ଗାନ୍ଧୀ ପିନ୍ଧନ୍ତି ,ସମ୍ବଲପୁର ଅଧିବାସୀ ନୃସିଂହ ଗୁରୁ ପ୍ରତିଦିନ ସେହିପରି ଧୋତି ପିନ୍ଧୁଥିଲେ । ଦେହରେ ଛୋଟ ଖଦୀ ଚଦର ଥିଲା । ଘରେ ଅରଟରଖି ସୂତା କାଟୁଥିଲେ। । ଅସ୍ପୃଶ୍ୟତା ନିବାରଣରେ ଅବଦାନ ଦେଇଛନ୍ତି । ଅହିଂସାକୁ ବ୍ରତ ରୂପେ ପାଳନ କରିଛନ୍ତି । ଗାନ୍ଧୀ ଦର୍ଶନରେ ଆଜୀବନ ଅଭ୍ୟସ୍ତ ରହି,ସତ୍ୟ ଓ ଅହିଂସାକୁ ନିଜ ଜୀବନରେ ପ୍ରଭାବିତ କରାଇଛନ୍ତି ।

ଆମେ ଅନେକ ବ୍ୟକ୍ତି ଗାନ୍ଧୀଙ୍କୁ କଥାରେହିଁ ପ୍ରଶଂସା । ଗାନ୍ଧୀ ଆଦର୍ଶକୁ ନିଜର ଦୈନନ୍ଦିନ ଜୀବନରେ ପରିଣତ କରି ଦେଖାଇ ପାରୁନାହିଁ । ନୃସିଂହ ଗୁରୁ ଥିଲେ ଜଣେ ବ୍ୟକ୍ତି ଯିଏକି ଗାନ୍ଧୀ ନୀତିକୁ ଆପଣାର ଅସ୍ଥି ମଜ୍ଜାଗତ କରିନେଇଥିଲେ । ଦିନର ଚବିଶଘଣ୍ଟା ଗାନ୍ଧୀଙ୍କୁ ଅନୁସରଣ କରୁଥିଲେ । ନିଜକୁ ଗାନ୍ଧୀ ଆଦର୍ଶରେ ସମର୍ପିତ କରିଦେଇଥିଲେ । କାୟମନୋବାକ୍ୟରେ ଗାନ୍ଧୀ ଆଦର୍ଶକୁ ପ୍ରତିଫଳିତ କରାଇ ପାରିଥିଲେ । ଗାନ୍ଧୀଙ୍କୁ ମୌଖିକ ସମ୍ମାନ ଜଣାଇବା ଗୋଟିଏ କଥା , ଗାନ୍ଧୀ ଚିନ୍ତାଧାରାରେ ନିଜ ଜୀବନ ଗଢିବା ଆଉ ଗୋଟିଏ ଭିନ୍ନ କଥା । ଶ୍ରୀ ନୃସିଂହ ଗୁରୁ ଗାନ୍ଧୀ ଦର୍ଶନକୁ ବାସ୍ତବ ରୂପରେଖ ଦେବାରେ "ବାକ୍ୟବୀର" ନଥିଲେ ଥିଲେ "କର୍ମବୀର" । ଦୈନିକ ଆଚାରବିଚାର,ଆହାରବିହାରରେ ,ଶ୍ରୀ ନୃସିଂହ ଗୁରୁ ଥିଲେ ସଂପୂର୍ଣ୍ଣ ଗାନ୍ଧିବାଦୀ ।

ଏକନିଷ୍ଠ ଗାନ୍ଧିବାଦୀ ଥିଲେ । ଗାନ୍ଧୀ ଥିଲେ ତାଙ୍କ ମନ୍ତ୍ରଦାତା , ପ୍ରେରଣାଦାତା,ସଂପ୍ରୀତି ଓ ସଦାଚାରର ଉତ୍ସ । ମୋର ମନେହୁଏ ,ଗାନ୍ଧୀଙ୍କୁ ସେ ଏତେ ଭଲ ପାଉଥିଲେ ଯେ,ଅକ୍ଷରେ ଅକ୍ଷରେ ଗାନ୍ଧୀ ପ୍ରଦର୍ଶିତ ମାର୍ଗରେ ଗତି କରୁଥିଲେ । ହୃଦୟରେ ଗାନ୍ଧୀଙ୍କୁ ବିରାଜିତ କରାଇଥିଲେ । ଏକାନ୍ତ ଭାବରେ ନୃସିଂହ ଗୁରୁ ଥିଲେ ଗାନ୍ଧୀ ପ୍ରାଣ ଜଣେ ବ୍ୟକ୍ତି ।

ଗାନ୍ଧୀ ଯାହାଙ୍କୁ ତନ୍ମୟ କରିଦେଇଥିଲେ,ସେହି ନୃସିଂହ ଗୁରୁ ସତ୍‌ଚିତ୍ ଆନନ୍ଦରେ ବିଭୋର ହେଇଯାଇଥିଲେ । ତାଙ୍କ ଜୀବନରେ ଅବଶୋଷ ନଥିଲା । ସଂପୂର୍ଣ୍ଣ ସରଳ ଜୀବନଯାପନ ,ସମସ୍ତଙ୍କ ପ୍ରତି ଶ୍ରଦ୍ଧା, ସଦିଚ୍ଛା , ସୌହାର୍ଦ୍ଦ୍ୟ ପ୍ରଦର୍ଶନ ଥିଲା ନୃସିଂହ ଗୁରୁଙ୍କ ଜୀବନର ବୈଶିଷ୍ଟ୍ୟ ।

ଇଂରାଜୀରେ ଯାହାକୁ କହନ୍ତି VOLUNTRY POVERTY ,ତାହାକୁ ସେ ନିଜ ଜୀବନରେ ପ୍ରତିଫଳିତ କରାଇଥିଲେ । ଯୁକ୍ତରାଷ୍ଟ୍ର କାଲିଫର୍ଣ୍ଣିଆରେ ଅଳ୍ପ ସଂଖ୍ୟକ ଲକ୍ଷପତି ଷାଠିଏ ଦଶକରେ ସଂଘଟିଏ ଗଢିଥିଲେ । ସ୍ୱେଚ୍ଛାରେ ଦରିଦ୍ର ଜୀବନଯାପନ କରିବା ନିମିତ୍ତ ଅଙ୍ଗୀକାରବଦ୍ଧ ହୋଇଥିଲେ । ଶ୍ରୀ ନୃସିଂହ ଗୁରୁ ହୁଏତ କାଲିଫର୍ଣ୍ଣିଆରେ ଏହି ଭଲ୍ୟୁଣ୍ଟାରୀ ପଭଟି ଆନ୍ଦୋଳନ ପ୍ରସଙ୍ଗ ଅବଗତ ହୋଇ ନଥାଇ ପାରନ୍ତି । ସେ ନିଜେ କିନ୍ତୁ ୧୯୪୦ ଦଶକରୁ ଏହି ପ୍ରକାର ମନୋବୃତ୍ତି ନେଇ ସଂସାରରେ ଚଳୁଥିଲେ । ତାଙ୍କ ବେଶ ପୋଷାକ ଆମେ ଦେଖିଛୁଁ। ମୁହଁ ସାମ୍ନାସାମ୍ନି ହେଲେ,ସେ ମୃଦୁହାସ୍ୟ ଖେଳାଇ ଆନ୍ତରିକତା ପ୍ରକାଶ କରିଥାନ୍ତି । "ନିର୍ମାୟା ପୁରୁଷ" ବୋଲି ତାଙ୍କୁ ମୁଁ ବର୍ଣ୍ଣନା କରୁଛି ।

ଶ୍ରୀ ନୃସିଂହ ଗୁରୁ ବୃତ୍ତିରେ ସାମ୍ବାଦିକ ଥିଲେ । ସେ କାଳରେ ଓଡିଶାରେ ବହୁଳ ପ୍ରଚାରିତ "ସମାଜ" ଖବର କାଗଜ ସମ୍ବଲପୁର ପ୍ରତିନିଧି ଥିଲେ । ତାଙ୍କପରି ସାମ୍ବାଦିକ ପାଖରେ ପ୍ରଥମେ ଟେଲିଫୋନ ନଥିଲା। ନିଜେ ସାଇକଲ ଚଢିଯାଇ, ଅନୁସନ୍ଧାନ କରି ଘଟଣାସ୍ଥଳରୁ ସମ୍ବାଦ ସଂଗ୍ରହ କରୁଥିଲେ । ସାଇକଲ ଛଡା ଅନ୍ୟ ଯାନବାହନ ତାଙ୍କ ନିଜର କିଛି ନଥିଲା । ଆଜିର ଟେଲିଫୋନ,ଟେଲେକ୍ସ,ଫ୍ୟାକ୍ସ,କୋରିଅର ସର୍ଭିସ,ସ୍କୁଟର,ମଟର ସାଇକଲ ଇତ୍ୟାଦି ଯୁଗରେ ସମ୍ବାଦିକ ମାନଙ୍କୁ ଯାହାକିଛି ସୁବିଧା ଉପଲବ୍ଧି ହେଉଛି ତାହା ନୃସିଂହ ଗୁରୁଙ୍କର ନଥିଲା। ତଥାପି,ସମ୍ବାଦିକ ଭାବେ ସେ ନିର୍ଭରଯୋଗ୍ୟ ସତ୍ୟ ସମ୍ବାଦ ପ୍ରକାଶ କରୁଥିଲେ ।

୧୯୩୦ ଦଶକରୁ ଆରମ୍ଭ କରି ,ସମ୍ବଲପୁର ଜିଲ୍ଲା ସହର ମଫସଲର ଗୁରୁତ୍ୱପୂର୍ଣ୍ଣ ଖବର ସବୁ "ସମାଜ" ଖବର କାଗଜରେ ପ୍ରକାଶ କରି ଶ୍ରୀ ନୃସିଂହ ଗୁରୁ ଜିଲ୍ଲାର ଅଶେଷ କଲ୍ୟାଣ ସାଧନ କରିଛନ୍ତି । ଲୋକମାନଙ୍କ ଦୁଃଖ ଦୁର୍ଦ୍ଦଶା ପ୍ରତି ରାଜ୍ୟ ସରକାରଙ୍କର ଦୃଷ୍ଟି ଆକର୍ଷଣ କରୁଥିଲେ । ସୁଦୂର କଟକ ଓ ପରେ ଭୁବନେଶ୍ୱର ରାଜଧାନୀ ହୋଇଥିବା ବେଳେ,ସମ୍ବଲପୁର,ବରଗଡ,ସୋହେଲା,ରେମଣ୍ଡା ଏବଂ ଗ୍ରାମାଞ୍ଚଳ

ଅଧିବାସୀଙ୍କ ଅଭାବ ଅଭିଯୋଗ "ସମାଜ" ରେ ଛପାଇ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିବା ଥିଲା ଶ୍ରୀ ନୃସିଂହ ଗୁରୁଙ୍କ ମହାନ୍ କାର୍ଯ୍ୟ ।

ତତ୍କାଳୀନ ସମ୍ବଲପୁରର ବରପୁତ୍ର ବୋଧରାମ ଦୁବେ,ଶ୍ରଦ୍ଧାକର ସୁପକାର,ବନମାଳୀ ବାବୁ ଇତ୍ୟାଦିଙ୍କୁ ସୁଦୂର ବାରିପଦା ଲୋକ ଜାଣିବାଟା ନୃସିଂହ ଗୁରୁଙ୍କ ଯୋଗୁଁ ସମ୍ଭବ ହୋଇଥିଲା । ଶିକ୍ଷାବିତ୍ ଡକ୍ଟର ପର୍ଶୁରାମ ମିଶ୍ର,ପ୍ରଫେସର ଘନଶ୍ୟାମ ଦାଶ,ଡକ୍ଟର ଜନାର୍ଦ୍ଦନ ପୂଜାରୀଙ୍କ ସୁନାମ ଓଡିଶାର ଅନ୍ୟ ଅଂଚଳକୁ ବ୍ୟାପିଥିଲା । ହୀରାକୁଦ ବନ୍ଧ ନିର୍ମାଣ କାର୍ଯ୍ୟର ଯାବତୀୟ ସମ୍ବାଦ ପରିବେଷଣ କରି ଓଡିଶାବାସୀଙ୍କୁ ସମସ୍ତ ତଥ୍ୟ ଅବଗତ କରାଇଥିଲେ ଶ୍ରୀ ନୃସିଂହ ଗୁରୁ । ଏହା ଦ୍ୱାରା ସେ ସାରା ରାଜ୍ୟର କଲ୍ୟାଣ ସାଧନ କରିଛନ୍ତି । ଖ୍ୟାତନାମା ସାମ୍ବାଦିକ ରୂପେ ସାରା ଓଡିଶାରେ ସୁପରିଚିତ ଅଟନ୍ତି ।

ପରବର୍ତ୍ତୀ ପିଢିର ସାମ୍ବାଦିକ ମାନଙ୍କ ଲାଗି ସମ୍ବଲପୁର ଜିଲ୍ଲାରେ ସେ ହୋଇଛନ୍ତି ପଥ ପ୍ରଦର୍ଶକ । ତାଙ୍କର ସମ୍ବାଦ ପ୍ରସାର ଶୈଳୀ ଏବଂ ଉତ୍ସାହ ଯୁବ ସାମ୍ବାଦିକ ମାନଙ୍କୁ ପ୍ରେରଣା ଦେଇଛି,ଦେଉଥିବ ଏବଂ ସାମ୍ବାଦିକ ବୃତ୍ତିର ଗୌରବ ବୃଦ୍ଧି କରୁଥିବ । ସମ୍ବଲପୁରରେ ଯେ "ସମାଜ" ଖବର କାଗଜ ସ୍ଥାନୀୟ ସଂସ୍କରଣ ପ୍ରକାଶିତ ହେଲା ଏଥି ନିମନ୍ତ ଶ୍ରୀ ନୃସିଂହ ଗୁରୁ ୧୯୬୦ ଦଶକରୁ ଭିତ୍ତିଭୂମି ପ୍ରସ୍ତୁତିରେ ମନ ଦେଇଥିବେ ନିଶ୍ଚୟ ।

ଶ୍ରୀ ନୃସିଂହ ଗୁରୁ ଗୋଟିଏ କେବଳ ନାମ ହୋଇ ନରହନ୍ତୁ । ସମ୍ବଲପୁରର ଜାଗ୍ରତ ଜନମତ ଓ ଯୁବ ସାମ୍ବାଦିକ ମାନେ ଶ୍ରୀ ନୃସିଂହ ଗୁରୁଙ୍କୁ ଆମ ମନରେ ସର୍ବଦା ଉଜ୍ଜୀବିତ କରି ରଖନ୍ତୁ । ତାଙ୍କ ନିତ୍ୟ ବ୍ୟବହାର୍ଯ୍ୟ କିଛି ସାମଗ୍ରୀ ଯଦି ତାଙ୍କ ବାସସ୍ଥାନରେ ଥାଏ , ସେ ସବୁ ସାଇତି ରଖାଯାଉ । ତାଙ୍କ ପୁରୁଣା ସାଇକେଲ ଯଦି ଏବେ ସୁଦ୍ଧା ରହିଛି,ତାହା ସଂରକ୍ଷିତ ହୋଇ ରହୁ । ସେ ନିଜେ ଚିରସ୍ମରଣୀୟ ହୋଇ ରହନ୍ତୁ । ଆଧୁନିକ ଫେସନ ଓ ବେଶ ପୋଷାକରେ ବଢି ଉଠୁଥିବା ଯୁବକ-ଯୁବତୀ କଦାପି କଳ୍ପନା କରିପାରିବେ ନାହିଁ, ୫୦,୬୦ ବର୍ଷ ପୂର୍ବେ ଖରା ବର୍ଷାରେ ସମ୍ବଲପୁର ରାସ୍ତାରେ ନୃସିଂହ ଗୁରୁ କିପରି କର୍ତ୍ତବ୍ୟ କର୍ମ ସଂପାଦନ କରୁଥିଲେ । ତାହା ମୁଁ ନିଜେ ଦେଖିଛି । ମୋ ଦୃଷ୍ଟିରେ ସେ ଥିଲେ ଆଦର୍ଶ ପୁରୁଷ,ସାଫଲ୍ୟ ମଣ୍ଡିତ ସ୍ୱାଧୀନତା ସଂଗ୍ରାମୀ, ଦେଶ ସେବକ,ସମାଜ ସେବୀ ଏବଂ ସୁପରିଚିତ ସାମ୍ବାଦିକ ।

ନମ୍ରତା ଓ ସରଳତା ଥିଲା ତାଙ୍କ ବ୍ୟକ୍ତିତ୍ୱରୁ ମୋ ନିମନ୍ତେ ବିଶେଷ ପ୍ରେରଣା ଦାୟକ । ଏବେ ସୁଦ୍ଧା ଅନୁକରଣୀୟ । ଶହେ ବର୍ଷ ପୂର୍ବେ ଜଣେ ଜନ୍ମ ହୋଇଥିଲେ । ସଂସାର ଲୀଳାଖେଳା ଶେଷ କରି ଇହଧାମରୁ ବିଦାୟ ନେଇଛନ୍ତି କିନ୍ତୁ ଆମେ ତାଙ୍କୁ କଦାପି ଭୁଲି ପାରିବା ନାହିଁ । ସୁରେନ୍ଦ୍ର ସାଏଙ୍କୁ ମନେ ରଖିଛୁ,ଗଂଗାଧର ମେହେରଙ୍କୁ ପ୍ରଶଂସା କରୁଛୁ,ନୃସିଂହ ଗୁରୁଙ୍କୁ ସମ୍ବଲପୁର ଅଧିବାସୀ ଭୁଲିବେ କିପରି ? ? ?

ଶହୀଦ ନଗର
ଭୁବନେଶ୍ୱର